# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14th November - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ ଦେବେ ରାଷ୍ଟ୍ରପତି ।

- ଚାଷୀମାନଙ୍କଠାରୁ ସ୍ୱଚ୍ଛ, ସରଳ ଓ ପାରଦର୍ଶୀ ପ୍ରକ୍ରିୟାରେ ଧାନ କ୍ରୟ ନେଇ ସମବାୟ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ ତାରିଖରୁ ହେବ ଆରମ୍ଭ ।

- ତିନି ବର୍ଷପାଇଁ ଘୋଷଣା ହେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ।

— ୨୦୨୨ ମସିହାପାଇଁ ହାସ୍ୟ ଅଭିନେତା ଜୟିରାମ ସାମଲ୍ ପାଇବେ ମୋହନସୁନ୍ଦର ଗୋସ୍ୱାମୀ ସମ୍ମାନ ।

ଏବଂ

- ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସ୍ମୃତିରେ ଆସନ୍ତାକାଲି ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ ବୋଇତ ବନ୍ଦାଣ ଉତ୍ସବ ।

*GNR*

## ରାଷ୍ଟ୍ରପତି

ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ରାତି ୮ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଆକାଶବାଣୀ ଦିଲ୍ଲୀ, ଇନ୍ଦ୍ରପ୍ରସ୍ଥ ଓ ଆକାଶବାଣୀ ଲାଇଭ୍ ନ୍ୟୁଜ୍ ୨୪ ଘଣ୍ଟିଆ ଚ୍ୟାନେଲ, ଏଫ୍.ଏମ୍.ଗୋଲ୍ଡ ଏବଂ ଏଫ୍.ଏମ୍.ରେନ୍‌ବୋ ଚ୍ୟାନେଲରେ ଏହାର ପ୍ରସାରଣ କରାଯିବ। ଆସନ୍ତାକାଲି ସକାଳ ୮ଟା ୪୫ ମିନିଟ୍ ଏବଂ ଅପରାହ୍ନ ୫ଟା ୩୦ରେ ସମସ୍ତ ପ୍ରାଥମିକ ଚ୍ୟାନେଲ, ସ୍ଥାନୀୟ ରେଡିଓ ଷ୍ଟେସନ୍ ଏବଂ ଆକାଶବାଣୀର ଏଫ୍.ଏମ୍.ଗୋଲ୍ଡ ଏବଂ ଏଫ୍.ଏମ୍. ରେନ୍‌ବୋ ନେଟଓ୍ୱର୍କର ସମସ୍ତ ଚ୍ୟାନେଲରେ ରାଷ୍ଟ୍ରପତିଙ୍କ ବାର୍ତ୍ତା ପୁନଃ ପ୍ରସାରଣ କରାଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଠାରେ ଆୟୋଜିତ ହେବାକୁ ଥିବା ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*IPR*

## ମୁଖ୍ୟମନ୍ତ୍ରୀ – ସମବାୟ ଦିବସ

ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବାର ଆବଶ୍ୟକତା ରହିଛି । ଏହି ଅନୁଷ୍ଠାନଗୁଡ଼ିକ ସମାଜର ତଳ ସ୍ତରରେ ରହିଥିବା ଗରିବ ଓ ନିଷ୍ପେଷିତଙ୍କ

ଆଶା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ସମବାୟ ଭବନରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହିତ ଜଡ଼ିତ । ଆଉ ସପ୍ତାହେ ପରେ ରାଜ୍ୟରେ ଧାନକିଣା ଆରମ୍ଭ ହେବ । ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ ରହିଛି । ଚଳିତ ବର୍ଷ ବିଭାଗ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଏବଂହ ବୃହତ୍ତର ଆଦିବାସୀ ବହୁମୁଖୀ ସମିତିଗୁଡ଼ିକ ୪ ହଜାରରୁ ଊର୍ଦ୍ଧ୍ୱ ଧାନସଂଗ୍ରହ କେନ୍ଦ୍ରର ପରିଚାଳନା କରିବେ । ଚାଷୀମାନେ ସ୍ୱଚ୍ଛ, ସରଳ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ଧାନ ବିନା କଟ୍‌ନୀ ଛଟ୍‌ନୀରେ ସରକାରଙ୍କୁ ବିକ୍ରୟ କରିପାରିବେ ଏବଂ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇପାରିବେ, ସେନେଇ କାର୍ଯ୍ୟ କରିବାକୁ ସେ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ଏକ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ ।

***Desk***

# ସୁରଭି

ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ- ସୁରଭିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ

ପ୍ରାଥମିକ ଶିକ୍ଷାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ ବୋଲି କହିଛନ୍ତି। ଶ୍ରୀ ମାଝୀ' ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ରାଜ୍ୟରେ ଥିବା ୧୦୦ ବର୍ଷରୁ ଅଧିକ ପୁରୁଣା ଏବଂ ଐତିହ୍ୟ ବହନ କରୁଥିବା ୫୧ଟି ବିଦ୍ୟାଳୟର ଐତିହ୍ୟ ସୁରକ୍ଷାକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏଥିରେ ମୋଟ୍ ୬ ହଜାର ୭୯୪ ବିଦ୍ୟାଳୟ ନିର୍ମାଣ ପାଇଁ ଯୋଜନା କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଲୋଗୋ ଏବଂ ସୂଚନା ପୁସ୍ତିକାକୁ ଆଜି ଉନ୍ମୋଚନ କରିଛନ୍ତି।

***Cuttack/R***

## ମାଟ୍ରିକ୍ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତା ଫେବୃୟାରୀ ମାସ ୨୧ ତାରିଖରୁ ଆରମ୍ଭ ହେବ । ଉଭୟ ରେଗୁଲାର୍ ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ । ମାଟ୍ରିକ୍ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ । କେବଳ ଗଣିତ ବିଷୟ ପାଇଁ ପରୀକ୍ଷାର୍ଥୀମାନଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି । ପ୍ରଥମ ଦିନରେ ମାତୃଭାଷା, ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ରେ

ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ ଓ ୬ ତାରିଖରେ ତୃତୀୟ ଭାଷା ପରୀକ୍ଷା ଅନୁଷ୍ଠିତ ହେବ ।

***Puri/R***

## ବ୍ୟାଟେରୀଚାଳିତ ଗାଡ଼ି

କେନ୍ଦ୍ର ନବୀକରଣ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଜି ପୁରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ୧୦ଟି ବ୍ୟାଟେରୀଚାଳିତ ଗାଡ଼ିର ଲୋକାର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଯୋଶୀ କହିଛନ୍ତି, ଅକ୍ଷୟ ଉର୍ଜା ଶକ୍ତି ମାଧ୍ୟମରେ ଗତ ୧୦ ବର୍ଷ ମଧ୍ୟରେ ୨୧୨ ଜିଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଛି । ଜଳବାୟୁ ପରିବର୍ତ୍ତନ ଦିଗରେ ଅଣପାରମ୍ପରିକ ଶକ୍ତିର ବିନିଯୋଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ପରିବେଶ ଅନୁକୂଳ ବାତାବରଣକୁ ପ୍ରୋତ୍ସାହନ ଦେବା ତଥା ବିଶେଷକରି ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ସୁବିଧାପାଇଁ କେନ୍ଦ୍ର ସରକାରଙ୍କ ଅକ୍ଷୟ ଉର୍ଜା ଏଜେନ୍ସି 'ଇରେଡ଼ା' ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ୧୦ଟି ବ୍ୟାଟେରୀ ଚାଳିତ ଗାଡ଼ି ପ୍ରଦାନ କରାଯାଇଛି ।

# ଚଳଚ୍ଚିତ୍ର ପୁରସ୍କାର

ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ୨୦୨୦, ୨୧ ଏବଂ ୨୨ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିଛନ୍ତି । ଜୀବନବ୍ୟାପୀ ସାଧନା ପାଇଁ ୩ ଜଣଙ୍କୁ ମୋହନସୁନ୍ଦର ଦେବଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯିବ । ୨୦୨୦ ମସିହାପାଇଁ ଲେଖକ, ନିର୍ଦ୍ଦେଶକ ଓ ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ ପାଇଁ ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ମସିହାପାଇଁ ହାସ୍ୟ ଅଭିନେତା ଜୟିରାମ ସାମଲଙ୍କୁ ପୁରସ୍କୃତ କରାଯିବ । ସେହିଭଳି ୨୦୨୦ ମସିହାପାଇଁ 'ରଘୁ ସର୍ଦ୍ଦାର'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ୨୦୨୧ ମସିହାପାଇଁ ଯୁଗ୍ମଭାବେ 'ପ୍ରତୀକ୍ଷା' ଓ 'ଡାଲ୍‌ଚିନି' ଓ ୨୦୨୨ ମସିହାପାଇଁ 'ଦମନ' ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଛି । ଶ୍ରେଷ୍ଠ ଅଭିନେତାଭାବେ ୨୦୨୦ ବର୍ଷ ପାଇଁ ଦେବାଶିଷ ପାତ୍ର, ୨୦୨୧ରେ ଯୁଗ୍ମଭାବେ ଚଳଚ୍ଚିତ୍ର 'ଭୋକ'ପାଇଁ ଅଙ୍କିତ କୁମାରଙ୍କୁ ଓ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପାନ୍ୱିତା ଦାସ ମହାପାତ୍ରଙ୍କୁ ଏବଂ ୨୦୨୨ ପାଇଁ ବାବୁସାନ ମହାନ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ୨୦୨୧ପାଇଁ 'ଡାଲ୍‌ଚିନି' ଚଳଚ୍ଚିତ୍ର ଲାଗି ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମନୋନୀତ କରାଯାଇଛି । ଚଳଚ୍ଚିତ୍ର 'ବିଶ୍ୱାସ : The

Light Over Darkness' ପାଇଁ ନବନିତ ମହାନ୍ତିଙ୍କୁ ଶ୍ରେଷ୍ଠ ଶିଶୁ ଅଭିନେତା ଭାବେ ମନୋନୀତ କରାଯାଇଛି । ସୁରେଶ ପଟ୍ଟନାୟକ 'ତୃଷ୍ଣା' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହେବେ ।

***Cuttack/R***

## କଟକ ବାଲିଯାତ୍ରା

କଟକରେ ଆସନ୍ତାକାଲିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଅପରାହ୍ନ ସାଢ଼େ ୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷ ଉଭୟ ଉପର ଓ ତଳ ପଡ଼ିଆରେ ଯାତ୍ରାର ଆୟୋଜନ କରାଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଆଜି ସକାଳେ ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଳିତଥର କଡ଼ାକଡ଼ିଭାବେ ରାସ୍ତାକଡ଼ରେ ଉଠାଦୋକାନୀମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବାଲିଯାତ୍ରାକୁ ସିସିଟିଭି ସର୍ବେକ୍ଷଣରେ ରଖାଯିବା ସହ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ୨୫ ଶହରୁ ଅଧିକ ଛୋଟବଡ଼ ଷ୍ଟଲ୍ ସ୍ଥାନ ପାଇଛି । ଓରମାସ୍ ପକ୍ଷରୁ ୫ ଶହ ଷ୍ଟଲ୍‌ପାଇଁ ବ୍ୟବସ୍ଥା ହୋଇଛି । ଚଳିତ ଥର ୭ଟି ଅନ୍ତର୍ଜାତୀୟ ଷ୍ଟଲ୍ ମଧ୍ୟ ସ୍ଥାନ ପାଇଛି । ଜନସାଧାରଣଙ୍କ

ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ବାଲିଯାତ୍ରାରେ ଭିଡ଼କୁ ନିୟନ୍ତ୍ରଣ କରିବା ନିମନ୍ତେ ତଳ ପଡ଼ିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରୀକାଳୀନ ପ୍ରବେଶ ଏବଂ ପ୍ରସ୍ଥାନଦ୍ୱାର ଖୋଲାଯିବା ସହ ପଡ଼ିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଛି । ବାଲିଯାତ୍ରା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ।

***Puri/R***

# ପୁରୀ – ବୋଇତ ବନ୍ଦାଣ

ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ସ୍ମୃତିରେ ଆସନ୍ତାକାଲି ରାଜ୍ୟବ୍ୟାପୀ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ । ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକ ପୂର୍ଣ୍ଣିମୀ ପାଇଁ ଆସନ୍ତାକାଲି ମହାପ୍ରଭୁଙ୍କର ସୁନାବେଶ ଦର୍ଶନ ସହ ମହୋଦଧି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ଲାଗି ବହୁ ସଂଖ୍ୟାରେ ଲୋକମାନଙ୍କର ଭିଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ୩୬ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ସମୁଦ୍ର କୂଳରେ ଲାଇଫ ଗାର୍ଡ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ସେହିଭଳି କଟକର ଗଡ଼ଗଡ଼ିଆ ଘାଟରେ ଡଙ୍ଗାଭସାଣପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

***Puri/R***

## ଶ୍ରୀମନ୍ଦିର - ରୁପା ଛାଉଣୀ

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନପଲଙ୍କ, ପତିତପାବନ ମନ୍ଦିର, ସିଂହଦ୍ୱାର ଗୁମୁଟର ଦ୍ୱାରବନ୍ଧ ସମେତ ଭଣ୍ଡାରଘର ଲୋକନାଥ ମନ୍ଦିରକୁ ରୁପା ଛାଉଣୀ କରାଯିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବ ପରିଚାଳନା କମିଟିର ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

***Sambalpur/R***

## ସମ୍ବଲପୁର - ଧନୁଯାତ୍ରା

ସମ୍ବଲପୁରରେ ଆରମ୍ଭ ହୋଇଥିବା ଧନୁଯାତ୍ରାର ଦ୍ୱିତୀୟ ଉତ୍ସବ ଆସନ୍ତା ଜାନୁୟାରୀ ମାସ ୧୫ ତାରିଖରୁ ଆରମ୍ଭ ହେବ । ଏହିଥରର ଧନୁଯାତ୍ରା ୫

ଦିନ ପର୍ଯ୍ୟନ୍ତ ଚାଲିବ । ଧନୁଯାତ୍ରା କମିଟି ପକ୍ଷରୁ ଆଜି ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କଠାରେ ଧନୁଯାତ୍ରାର ପାଣ୍ଡୁଲିପିକୁ ପୂଜାର୍ଚ୍ଚନା କରାଯାଇଛି ।

*Nayagarh/R*

## କୃଷି ଗଣନା

ନୟାଗଡ଼ଠାରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ କୃଷି ଗଣନାପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । କୃଷି ଗଣନାରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ପାଇଁ ୧୧୫ଟି ନମୁନା ଗ୍ରାମର ତାଲିକା ପ୍ରସ୍ତୁତ କରାଯାଇଛି । ଗଣନା କାର୍ଯ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଯୋଜନା ଓ ସଂଯୋଜନା ବିଭାଗର ଗଣନାକାରୀଙ୍କୁ ନିଯୁକ୍ତ କରାଯିବ ।

*Boudh/R*

## ତମାଖୁମୁକ୍ତ ଅଭିଯାନ

ବୌଦ୍ଧ ଜିଲ୍ଲାରେ ତମାଖୁମୁକ୍ତ ଯୁବ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତ୍ୟେକ ଗ୍ରାମକୁ ତମାଖୁମୁକ୍ତ ଗ୍ରାମ କରାଯିବାପାଇଁ ସମସ୍ତ ପ୍ରକାର ପଦକ୍ଷେପ

ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଶିକ୍ଷା ବିଭାଗ, ପୁଲିସ୍, ଅବକାରୀ, ଜିଲ୍ଲା ମଙ୍ଗଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ମିଳିତ ଭାବରେ ଏହି ଅଭିଯାନରେ ସାମିଲ୍ ହୋଇ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ତମାଖୁ ସେବନ ନିରୋଧ ସମ୍ପର୍କରେ ସଚେତନ କରାଇବେ ।

*****